## ଆଜି କ'ଣ କେଉଁଠି

**ସିମୁଳିଆ**

- ଶ୍ରୀ ଅରବିନ୍ଦ ଶ୍ରୀତନୁ ସ୍ମାରକୀ ଦଶମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ନବଦ୍ୟୋମ ଶିକ୍ଷାନିକେତନ।

### ■ ବିଶ୍ୱଭୂଷଣଙ୍କୁ ବାଲେଶ୍ୱରରେ ଭବ୍ୟ 'ନାଗରିକ ସମ୍ବର୍ଦ୍ଧନା'

# 'ବରପୁତ୍ରଙ୍କୁ ସମ୍ମାନ ଦେବାର ବେଳ ଆସିଛି'

**ବାଲେଶ୍ୱର ଅଫିସ, ୧୦।୧**

ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଶୁକ୍ରବାର ବାଲେଶ୍ୱର ପ୍ରତିଭା ବିକାଶ ମଞ୍ଚ ତରଫରୁ ଆୟୋଜିତ ସଭାରେ 'ନାଗରିକ ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଛି। ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ ଏକ ସମାରୋହରେ ସ୍ୱାଗତ କମିଟି ଅଧ୍ୟକ୍ଷ ହରେକୃଷ୍ଣ ଦାସ ସଭାପତିତ୍ୱ କରିଥିଲେ। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ସମ୍ବର୍ଦ୍ଧନାର ଉତ୍ତର ଦେଇ ହରିଚନ୍ଦନ କହିଥିଲେ, ବାଲେଶ୍ୱର ମାଟିର ଐତିହ୍ୟ ଗୌରବାବହ। ଏ ମାଟିରେ ଜନ୍ମ ନେଇଥିବା ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ସ୍ମରଣ କରି ସ୍ୱାଧୀନତା ଆନ୍ଦୋଳନ ସମେତ ଭାଷା ସାହିତ୍ୟ ସୁରକ୍ଷା ଆନ୍ଦୋଳନ କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଓଡ଼ିଶା ମାଟିର ଐତିହ୍ୟ ଓ ସଂସ୍କୃତିର ପଟାନ୍ତର ନାହିଁ। ବକ୍ସି ଜଗବନ୍ଧୁ, ଜୟୀରାଜଗୁରୁଙ୍କ ନେତୃତ୍ୱରେ ଇଂରେଜ ଶାସନ ବିରୋଧରେ ହୋଇଥିବା ପାଇକ ବିଦ୍ରୋହକୁ କେନ୍ଦ୍ରସରକାର ଜାତୀୟ ମାନ୍ୟତା ଦେଇଛନ୍ତି। ଏହି ମାଟି ମା'ର ବର ଓ ବୀର ପୁତ୍ରମାନଙ୍କୁ ସମ୍ମାନ ଦେବାର ସମୟ ଆସିଛି। ଏହି ଅବସରରେ ସେ ବାଲେଶ୍ୱର ମାଟିର ଐତିହ୍ୟ ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସେ ଜିଇ ଥିବା ଯାଏଁ ମାଟି-ମା'-ମଣିଷଙ୍କ ସେବା କରିବା ସହିତ ଐତିହ୍ୟ, ସଂସ୍କୃତିର ଉନ୍ନତି କରିବା ପାଇଁ ସଦାସର୍ବଦା ଚେଷ୍ଟିତ ରହିବେ ବୋଲି କହିଥିଲେ। ମାଟି ମା' ଉପରେ କେହି ଆକ୍ରମଣ କଲେ ଜାତି, ଧର୍ମ, ରାଜନୀତି ଉର୍ଦ୍ଧ୍ୱରେ ରହି ତାହାର ସୁରକ୍ଷା କରିବା ନେଇ ସମସ୍ତେ ପ୍ରତିବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ।

ମଞ୍ଚର ବରିଷ୍ଠ ସଦସ୍ୟ କିଶୋର ଦାସ ସଭା ପରିଚାଳନା କରିଥିଲେ। ଆଇନଜୀବୀ ଅରବିନ୍ଦ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଉପେନ୍ଦ୍ର ପାତ୍ର ବାର୍ଷିକ ବିବରଣୀ ପାଠ କରି ବିକାଶ ମଞ୍ଚ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସତ୍ୟସାଇ ଇଞ୍ଜିନିୟରିଂ କଲେଜ ପକ୍ଷରୁ ଡ. ବେଣୁମାଧବ ପଣ୍ଡା, ଲାୟନ୍ସ କ୍ଲବର ପ୍ରଶାନ୍ତ ପଣ୍ଡା, ଚାନ୍ଦିପୁର ବିକାଶ ମଞ୍ଚର ଗୟାଧର ଦାସ, ରାଷ୍ଟ୍ରାୟତ୍ତ ସାଧାରଣ ବୀମା କର୍ମଚାରୀ ସଂଘ ଯଶୋଦା ନନ୍ଦନ ଆଶ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କାଞ୍ଚନବାଳା ପାତ୍ର, ନାଗରିକ ସୁରକ୍ଷା ମଞ୍ଚର ଦୀପ୍ତିକାନ୍ତ ମିଶ୍ର, ସ୍ୱଦେଶୀ ଜାଗରଣ ମଞ୍ଚର ବିଭୂତି ଭୂଷଣ ବିଶ୍ୱାଳ, ରାଧାନାଥ ସାହିତ୍ୟ ପରିଷଦର ପ୍ରଭାକର ଦାସ, ଜିଲା ମେଡ଼ିକାଲ କ୍ରିୟାନୁଷ୍ଠାନ କମିଟି ପ୍ରଫେସର ଅନନ୍ତ ପ୍ରଧାନ ଓ ପ୍ରଭାକର ସାହୁ, ମୋହରିର ସଂଘ ନିରାକାର ରାଉତ, ବାର୍ ଆସୋସିଏଶନ, ଆଇନ୍ ମହାବିଦ୍ୟାଳୟ, ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ ସମେତ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶିଳ୍ପୀ କେଶୁ ଦାସଙ୍କ ପକ୍ଷରୁ ଜଉକଣ୍ଢେଇ ଏବଂ ବାଲେଶ୍ୱର ପ୍ରତିଭା ବିକାଶ ମଞ୍ଚ ପକ୍ଷରୁ ରାଜ୍ୟପାଳ ହରିଚନ୍ଦନଙ୍କୁ ତୈଳଚିତ୍ର ପ୍ରଦାନ କରାଯାଇଥିଲା। ଶିଳ୍ପପତି ହିମାଂଶୁ ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ମଞ୍ଚର ସଭାପତି ଡ. ସୁଧାଂଶୁ ପରିଡ଼ା, ବୈଦ୍ୟନାଥ ଷଡ଼ଙ୍ଗୀ, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଆଇନଜୀବୀ ରଘୁନାଥ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଦୀପ କୁମାର ପତି, ଭାବଗ୍ରାହୀ ମହାନ୍ତି, ଅରବିନ୍ଦ ପାଲ, ନବକୃଷ୍ଣ ପୋଥାଳ, ପ୍ରଶାନ୍ତ କୁମାର ପଣ୍ଡା, ଲମ୍ବୋଦର ନାୟକ, ଜ୍ୟୋତିର୍ମୟ ସାଲ, ପ୍ରଦୀପ୍ତ କୁମାର ପଣ୍ଡା, ଆରତି ଦାସ, ସବିତା ପାଣିଗ୍ରାହୀ, ସମରେନ୍ଦ୍ର ଦାସ, ଜୟନ୍ତୀ ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।


ମଞ୍ଚରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କ୍ଷମତାର ଅପବ୍ୟବହାର ଅଭିଯୋଗ

# କୋଟସାହି ସରପଞ୍ଚ ନିଲମ୍ବିତ

**ଜଳେଶ୍ୱର, ୧୦।୧(ଡି.ଏନ.ଏ.):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ପଞ୍ଚାୟତର ସରପଞ୍ଚ ମଞ୍ଜୁଲତା ପ୍ରଧାନଙ୍କୁ ଇଚ୍ଛାକୃତ ଭାବେ କ୍ଷମତାର ଅପବ୍ୟବହାର ଓ କାର୍ଯ୍ୟରେ ଅବହେଳା ଅଭିଯୋଗରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ରାଜ୍ୟପାଳଙ୍କ ଆଦେଶକ୍ରମେ ତା୯।୧।୨୦୨୦ରିଖରେ ପତ୍ର ନଂ.୭୫୬ ଅନୁଯାୟୀ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ନିଲମ୍ବନ ଆଦେଶ ଦେଇଛନ୍ତି। ଏହାର ନକଲ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପଞ୍ଚାୟତ ଅଧିକାରୀ ନିମାଇଁ ଚରଣ ମହାନ୍ତି, ଜଳେଶ୍ୱର ବିଡିଓ ଓ ପଞ୍ଚାୟତିରାଜ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଚିଠି ପାଇବାର ୩୦ଦିନ ମଧ୍ୟରେ କୈଫିୟତ ତଲବ କରାଯାଇଛି। ସରପଞ୍ଚ ମଞ୍ଜୁଲତା ପ୍ରଧାନଙ୍କ ବିରୋଧରେ ୭ଟି ଅଭିଯୋଗ ଅଣାଯାଇଛି। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ କଂଗ୍ରେସ ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଏହି କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିବା ସହ ଏହି ଦୁର୍ନୀତିରେ ଜଡ଼ିତ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ଆଇନଜୀବୀ ସତ୍ୟସୁନ୍ଦର ଦାସ, ରାଜୀବ ପରିଡ଼ା, ଅଶୋକ ପରିଡ଼ା, ଜଗଦୀଶ ନନ୍ଦୀ, ସୂର୍ଯ୍ୟ ଘୋଷ, ସନ୍ତୋଷ କାମିଲା ଓ ଗତିକୃଷ୍ଣ ଦଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ସଜନାଗଡ଼, ୧୦।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ନରସିଂହପୁର ପଞ୍ଚାୟତ ଓଲଡ଼ଙ୍ଗ ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ (୩୫) ନାମକ ଯୁବକ ଗୁରୁବାର ସନ୍ଧ୍ୟାରେ ବିଷ ପିଇ ଦେଇଥିଲେ। ପରିବାରବର୍ଗ ତାଙ୍କୁ ସଙ୍ଗେ ସଙ୍ଗେ ନୀଳଗିରି ମେଡିକାଲକୁ ଆଣି ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏନେଇ ନୀଳଗିରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଖଇରା ସତ୍‌ସଙ୍ଗ କେନ୍ଦ୍ର ସଭାପତିଙ୍କ ପରଲୋକ

**ଖଇରା, ୧୦।୧(ଡି.ଏନ.ଏ.):** ଆଧ୍ୟାତ୍ମିକ ଚେତନାବାଦୀ ଚିନ୍ତାଧାରାର ମଣିଷ ତଥା ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶ୍ରିତ ଖଇରା ସତ୍‌ସଙ୍ଗ କେନ୍ଦ୍ରର ସଭାପତି ରତ୍ନାକର ମହାନ୍ତି (୬୫)ଙ୍କର ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମସ୍ଥାନ ଦେଓଘର ବୁଲିବାକୁ ଯାଇଥିବା ବେଳେ ଶୌଚାଳୟରେ ଖସି ପଡିବାରୁ ତାଙ୍କ ବ୍ରେନରେ ଆଘାତ ଲାଗିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସଂଜ୍ଞାହୀନ ଅବସ୍ଥାରେ କୌଣସି ପରିବର୍ତ୍ତନ ନ ହେବାରୁ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ଗୁରୁଭାଇ ମାତୃମଣ୍ଡଳୀ, ଛାତ୍ରୀଛାତ୍ର ତାଙ୍କର ଶେଷଦର୍ଶନ କରିଥିଲେ। ସେ ପ୍ରଥମେ ସାରୁଗାଁ ଶିକ୍ଷକତାରୁ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଶିକ୍ଷକତା ଛାଡି ତାଳଚେର କୋଲ ଇଣ୍ଡିଆ ମେଡିକାଲରେ ଲାବୋରେଟୋରୀ ଟେକ୍ନିସିଆନ ଭାବେ ଯୋଗ ଦେଇଥିଲେ। ସେଠାରୁ ଅବସର ପରେ ଅନୁକୂଳ ଚନ୍ଦ୍ରଙ୍କ ଧର୍ମ ପ୍ରଚାରରେ ନିଜକୁ ସମର୍ପଣ କରିଥିଲେ।

# ଅସହାୟଙ୍କୁ କମ୍ବଳ ବଣ୍ଟନ

**ସୋର, ୧୦।୧(ଡି.ଏନ.ଏ.):** ଅହମଦିଆ ଯୁବକ ସଂଘ ତରଫରୁ ସୋର ଡାକବଙ୍ଗଳାଠାରେ ଗରିବ, ଅସହାୟ ଜନସାଧାରଣଙ୍କୁ କମ୍ବଳ ଓ ଖାଦ୍ୟ ବଣ୍ଟନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ଅହମଦିଆ ଯୁବକ ସଂଘର ଉପସଭାପତି ମହମ୍ମଦ ଶଫାରତ ସାହେବ, ସମ୍ମାନିତ ଅତିଥି ଭାବେ ଜିଲାସଭାପତି ଶେଖ ହାଫିଜୁଲ୍ଲା ସାହେବ, ସୋର ଥାନା ପୋଲିସ ସଚିଦାନନ୍ଦ ଗିରି ଓ ଅନ୍ୟମାନେ ଯୋଗଦେଇ ମୋଟ୍ ୧୮୦ଜଣଙ୍କୁ କମ୍ବଳ ଓ ଖାଦ୍ୟ ବଣ୍ଟନ କରିଥିଲେ।

### ■ ଯୁବକଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

**ସଜନାଗଡ଼, ୧୦।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଶିକ୍ଷକ ଭବନ ନିକଟରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ମୁହଁ ରକ୍ତ ଜୁଡୁବୁଡୁ ହୋଇଥିବା ଦେଖିବାକୁ ମିଳିଛି। ମୃତକ ହେଲେ ଖନ୍ତାପଡ଼ା ଥାନା ଆମ୍ବଡ଼ିଆ ଗ୍ରାମର ରାଜେଶ ମଲିକ (୩୫)। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ କରାଯାଇଛି।

ଶୁକ୍ରବାର ସକାଳେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରିବାର ଲୋକେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ନୀଳଗିରି ଥାନା ସବ୍‌ଇନ୍ସପେକ୍ଟର ଗଣେଶ ତ୍ରିପାଠୀ, ନୀଳଗିରି ତହସିଲଦାର ସୁଶ୍ରୀତା ଟୁଡୁ ପହଞ୍ଚିବା ପରେ ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିଲା। ତେବେ ନୀଳଗିରି ଥାନାଠାରୁ ମାତ୍ର ୩୦୦ମିଟର ଦୂରରେ ଏପରି ଅଘଟଣ ଘଟିଥିବା ବେଳେ ନୀଳଗିରି ପୋଲିସ କିପରି ଟେର୍ ପାଇ ନ ଥିଲା ତାହା ଚର୍ଚ୍ଚାର ବିଷୟ ହୋଇଛି। ନୀଳଗିରି ଥାନା ପକ୍ଷରୁ ମାମଲା (ନଂ.୧୭/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ହତ୍ୟାର କାରଣ ଜଣାପଡ଼ିନାହିଁ।

# ଇଲେକ୍ସନ ଅବଜରଭର୍‌ଙ୍କ ସିମୁଳିଆ ଗସ୍ତ


ଇଲେକ୍ସନ ଅବଜରଭର୍ ବୁଥ୍ ପରିଦର୍ଶନ କରୁଛନ୍ତି।

**ସିମୁଳିଆ, ୧୦।୧(ଡି.ଏନ.ଏ.)**

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଇଲେକ୍ସନ ଅବଜରଭର୍ ଶ୍ରୀକାନ୍ତ ପୃଷ୍ଟି ଶୁକ୍ରବାର ସିମୁଳିଆ ଗସ୍ତରେ ଆସି ମାର୍କୋଣା ନୋଡ଼ାଲ ସ୍କୁଲର ବୁଥ୍ ନଂ. ୨୧୯, ୨୨୦ ଏବଂ ରଘୁନାରାୟଣ ହାଇସ୍କୁଲର ବୁଥ୍ ନଂ. ୧୭୩, ୧୭୪ ପରିଦର୍ଶନ କରିବା ସହିତ ବିଭିନ୍ନ ରେକର୍ଡ଼ ଯାଞ୍ଚ କରିଥିଲେ। ଆସନ୍ତା ନିର୍ବାଚନ ପାଇଁ ଭୋଟର ତାଲିକାରେ ଯୋଗ ଓ ବାଦ୍ ଦିଆଯାଇଥିବା ଭୋଟର, ସଂଶୋଧନ, ବୁଥ୍‌ର ସୁବିଧା ଓ ଅସୁବିଧା ଆଦି ସମ୍ପର୍କରେ ନିର୍ବାଚନ ଦାୟିତ୍ୱରେ ଥିବା ବିଏଲ୍‌ଓମାନଙ୍କୁ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ନିଲୁ ମହାପାତ୍ର, ବିଡ଼ିଓ ଡ. ନରହରି ବେହେରା, ତହସିଲଦାର ରବିନାରାୟଣ ସାହୁ ଓ ଜିପିଓ ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ସମନ୍ୱୟ ରହିଲେ ଶିକ୍ଷାର ମାନ ବୃଦ୍ଧି ହେବ'

**ବାଲେଶ୍ୱର ଅଫିସ, ୧୦।୧**

ବାଲେଶ୍ୱର ନୂଆପାଡ଼ାସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ବାଲେଶ୍ୱର ଓ ଭଦ୍ରକ ଜିଲାର ସମସ୍ତ ଅନୁବନ୍ଧିତ ମହାବିଦ୍ୟାଳୟ

**ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମ୍ମିଳନୀ**
**ଯୋଗଦେଲେ ୭୦ରୁ ଉର୍ଦ୍ଧ୍ୱ ଅଧ୍ୟକ୍ଷ**

ଅଧ୍ୟକ୍ଷମାନଙ୍କର ଏକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମହାବିଦ୍ୟାଳୟରୁ ୭୦ରୁ ଉର୍ଦ୍ଧ୍ୱ ଅଧ୍ୟକ୍ଷ ଏଥିରେ ଯୋଗଦେଇ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଫକୀରମୋହନଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ କୁଳପତି ପ୍ରଫେସର ମଧୁମିତା ଦାସଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା।

ଆରମ୍ଭରେ ବିଶ୍ୱବିଦ୍ୟାଳୟର ସଙ୍ଗୀତ ପରିବେଷଣ କରାଯିବା ପରେ କୁଳସଚିବ ଅମର ସିଂ ସୋରେନ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ମଞ୍ଚାସୀନ ପିଜି କାଉନ୍‌ସିଲ ଚେୟାରମ୍ୟାନ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଓ ପରୀକ୍ଷା ନିୟନ୍ତ୍ରକ ଡ. ସନ୍ତୋଷ କୁମାର ଅଗ୍ରୱାଲା ନିଜର ବକ୍ତବ୍ୟ ରଖି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ ଶିକ୍ଷାର ମାନବୃଦ୍ଧି ହେବା ସହିତ ଉନ୍ନୀତ ଛାତ୍ରୀଛାତ୍ରମାନେ ସର୍ବଭାରତୀୟସ୍ତରରେ ବିଶ୍ୱବିଦ୍ୟାଳୟର ସୁନାମ ରଖିପାରିବେ ବୋଲି ଆଶାପ୍ରକଟ କରିଥିଲେ। କୁଳପତି ପ୍ରଫେସର ମଧୁମିତା ଦାସ ଉପସ୍ଥିତ ଅଧ୍ୟକ୍ଷମାନଙ୍କୁ ଉଦ୍‌ବୋଧନ ଦେଇ ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ ଏକ ପ୍ରାଣ ଓ ଏକ ମନ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ତା'ପରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ମଧ୍ୟରେ ଥିବା ବିଭିନ୍ନ ଅସଙ୍ଗତି ଦୂର କରି ସମ୍ପର୍କ ସୁଦୃଢ଼ କରିବା ଉପରେ ଉପସ୍ଥିତ ଅଧ୍ୟକ୍ଷମାନେ ମତବ୍ୟକ୍ତ କରିଥିଲେ। ଶେଷରେ ପରୀକ୍ଷା ନିୟନ୍ତ୍ରକ ଡ. ଏସ୍‌କେ ଅଗ୍ରୱାଲା ଧନ୍ୟବାଦ ଅର୍ପଣ କରିଥିଲେ। ସିଡିସି ବିଭାଗର ସମସ୍ତ କର୍ମଚାରୀ ସମ୍ମିଳନୀ ପରିଚାଳନାରେ ସକ୍ରିୟ ଭାଗ ନେଇଥିଲେ।



ସମ୍ମିଳନୀରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ ଓ ଅନ୍ୟମାନେ।

# ଦୁର୍ଘଟଣାରେ ୯ ଆହତ

**ବସ୍ତା, ୧୦।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ୬୦ ନଂ. ଜାତୀୟ ରାଜପଥର ବସ୍ତା ଥାନା ଲୁଣବଳଦା ନିକଟରେ ଏକ ଟାଟା ଏସିଇ ଦୁର୍ଘଟଣାଗ୍ରସ୍ତ ହେବାରୁ ୯ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ଏହି ଗାଡ଼ି (ନଂ. ଓଡ଼ି୦୧ଏବି-୪୨୫୦) ଡାଲାରେ କଂକ୍ରିଟ ମିକ୍ସର ମେଶିନ ସହ ୧୨ଜଣ ଦିନମଜୁରିଆ ଜଳେଶ୍ୱରରୁ ଅମର୍ଦ୍ଦାରୋଡ ଅଭିମୁଖେ ଆସୁଥିଲା। ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିବାରୁ ଜଳେଶ୍ୱର ଥାନା ମହମ୍ମଦ ନଗରପାଟଣା ଗ୍ରାମର ଅଞ୍ଜନ କୁମାର ଦାସ, ତାଙ୍କ ସ୍ତ୍ରୀ କନକଲତା, ଲକ୍ଷ୍ମଣନାଥର ଶମ୍ଭୁନାଥ ଜେନା, ତାଙ୍କ ସ୍ତ୍ରୀ ମାଧବୀ, ଦେଉଳିର ଶଙ୍କର ମାରାଣ୍ଡି, ସୋନିଆ ସିଂ, ସଞ୍ଜୟ ପାତ୍ର, ପଶ୍ଚିମବଙ୍ଗ ଦାନ୍ତୁନ ଥାନା ମାଲପଦାର କାର୍ତ୍ତିକ ମୁର୍ମୁ ଓ ସମତି କିସ୍କୁ ପ୍ରମୁଖ ଆହତ ହୋଇଥିଲେ। ଖବର ପାଇ ସଙ୍ଗେ ସଙ୍ଗେ ଜାତୀୟ ରାଜପଥ ଆମ୍ବୁଲାନ୍ସ ଆହତମାନଙ୍କୁ ନେଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଭର୍ତ୍ତି କରାଇଥିଲେ। ଅମର୍ଦ୍ଦାରୋଡ଼ ଫାଣ୍ଡି ଅଧିକାରୀ ଗାଡ଼ିକୁ ଜବତ କରିଛନ୍ତି।

### ■ ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ

# ଯାଜପୁର ଏମ୍‌ସିସି ଟିମ୍ ବିଜୟୀ

**ଖଇରା, ୧୦।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରର ଏମ୍‌ସିସି ଟିମ୍ ଭଦ୍ରକ ରେଲୱେକୁ ୪ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭଦ୍ରକ ରେଲୱେ ୧୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୮୬ରନ ସଂଗ୍ରହ କରିଥିଲା। ଯାଜପୁର ମାତ୍ର ୧୧ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ୨୭ ରନ ସଂଗ୍ରହ କରିବା ସହ ୫ଟି ଉଇକେଟ ନେଇଥିବା ଏସ୍.କେ.ସୁଆବୁଦ୍ଦିନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ବିଜୟ ରାୟ ଓ ଉପେନ୍ଦ୍ର ବେହେରା ମ୍ୟାଚ ପରିଚାଳନା କରିଥିଲେ। ସୁଶାନ୍ତ ମହାପାତ୍ର ଓ ଅଭିମନ୍ୟୁ ରାଉଳ ଧାରା ବିବରଣୀ ପ୍ରଦାନ ଓ କମଳାକାନ୍ତ ବେହେରା ଓ ଅଶ୍ୱିନୀ ମହାକୁଡ ସ୍କୋର ବୋର୍ଡ ଦାୟିତ୍ୱରେ ରହିଥିଲେ। ଶନିବାରର ଅନ୍ତିମ କ୍ୱାର୍ଟରରେ କଟକ ନିମପୁର ସ୍ପୋର୍ଟିଂ ଭୁବନେଶ୍ୱର କ୍ରାଉନକୁ ଭେଟିବ।

# ଚକା ଫାଟି ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

**ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର**


ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

**ସଜନାଗଡ଼, ୧୦।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଜାମୁନା ଅଞ୍ଚଳକୁ ରୋଗୀ ଆଣିବାକୁ ଯାଉଥିବା ଏକ ଆମ୍ବୁଲାନ୍ସ (ନଂ. ଓଡ଼ି-୦୧ଏଡ଼ି-୬୩୩୬) ଶୁକ୍ରବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡ୍ରାଇଭର ସଞ୍ଜୟ ଦାସଙ୍କ ଛାତିରେ ଆଘାତ ଲାଗିଛି। ଗାଡ଼ିରେ ଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି। ଭାଲୁକାଣ୍ଡୁରି ତିନିକୋଶିଆ ଜଙ୍ଗଲର ୧୯ନଂ. ରାଜ୍ୟ ରାଜପଥରେ ଆମ୍ବୁଲାନ୍ସର ଆଗ ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା।

# ଆରମ୍ଭ ହେଲା ଗଙ୍ଗାସାଗର ମେଳା

■ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ଖର୍ଚ୍ଚ ହେବ ୧ଶହ ୨୦କୋଟି

■ ବନ୍ଦ ହେଲା ରସଲପୁର-ମୟାଗାଲିନୀ ଲଞ୍ଚ ଫେରିଘାଟ

**ଭୋଗରାଇ, ୧୦।୧(ଡି.ଏନ.ଏ.)**

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦ୍ୱୀପ ଗଙ୍ଗା ସାଗରମେଳା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଭାରତ ପ୍ରସିଦ୍ଧ ଏହି ମେଳାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ଜିଲାପାଳ ପି. ଉଲ୍ଲଗଥନ୍ ସୂଚନା ଦେଇଛନ୍ତି। ଚଳିତବର୍ଷ ଉତ୍ତରପ୍ରଦେଶରେ କୁମ୍ଭମେଳା ହେଉ ନ ଥିବାରୁ ଗଙ୍ଗାସାଗରରେ ୪୫ଲକ୍ଷରୁ ଉର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କ ସମାଗମ ହେବାର ସମ୍ଭାବନା ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସାଗର ଦ୍ୱୀପର ଚାରିପାଖ ସମୁଦ୍ରତଟରେ ତଟରକ୍ଷୀ ବାହିନୀକୁ ସଜାଗ ରଖାଯାଇଛି। ଜଳ ଓ ସ୍ଥଳ ବାହିନୀକୁ ସୁରକ୍ଷା ଦୃଷ୍ଟିରୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଗରମେଳା ପ୍ରବେଶ ପଥରେ ମେଟାଲ ଡିଟେକ୍ଟର ସହ ଲଟ୍ ନଂ. ୮, ନାମଖାନା, କାକଦ୍ୱୀପ, କରୁବେଡ଼ିଆ, ଚେମାଗଡ଼ି, ଭାରତ ସେବାଶ୍ରମ ସଂଘ, ଶଙ୍କରାଚାର୍ଯ୍ୟଶ୍ରମ, କପିଳମୁନି ମନ୍ଦିର ଏବଂ ଭିଆଇପି ସ୍ଥାନରେ ୯ଶହ ସିସି କ୍ୟାମେରା ସଂଯୋଗ କରାଯାଇଛି। ଏଥିସହିତ ୭ହଜାରରୁ ଉର୍ଦ୍ଧ୍ୱ ପୋଲିସ, ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ଼, ଡ୍ରୋନ୍‌ରେ ଉଚ୍ଚ କ୍ଷମତାସମ୍ପନ୍ନ କ୍ୟାମେରା ଖଞ୍ଜାଯାଇଛି। ଅପରପକ୍ଷେ ରସଲପୁର-ପେଟୁଆ-ମୟାଗାଲିନୀ (ମରାଗଡ଼ିଆ) ଯାତ୍ରୀବାହୀ ଲଞ୍ଚ ଫେରିଘାଟ ଶୁକ୍ରବାରଠାରୁ ସରକାରୀ ଭାବେ ବନ୍ଦ କରି ଦିଆଯାଇଥିବାରୁ ଓଡ଼ିଆ ତୀର୍ଥଯାତ୍ରୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ବହୁ ଅର୍ଥ ଖର୍ଚ୍ଚ କରି ହଳଦିଆ, କୁକୁଡ଼ାହାଟି-ଡାଇମଣ୍ଡ ହାରବାରରେ ପହଞ୍ଚିଛନ୍ତି। ଲକ୍ଷାଧିକ ତୀର୍ଥଯାତ୍ରୀ ଗଙ୍ଗାସାଗରକୁ ଯିବା ନିମନ୍ତେ କୋଲକାତା ବାବୁରଘାଟ, ହାଓ୍ୱଡ଼ା, ଧର୍ମତଲା ଓ ସିଆଲଦାହ ଷ୍ଟେଶନରେ ଭିଡ଼ ଜମାଇଛନ୍ତି। ଦିଲ୍ଲୀରୁ ସ୍ୱତନ୍ତ୍ର ଟ୍ରେନ କାକଦ୍ୱୀପ ଷ୍ଟେଶନକୁ ଚଳାଚଳ କରିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପୁରୀ ଗୋବର୍ଦ୍ଧନପୀଠର ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସମେତ ବହୁ ଧର୍ମୀୟଗୁରୁ ଯୋଗ ଦେବାର ସମ୍ଭାବନା ଥିବାରୁ ପ୍ରଶାସନ ତତ୍ପର ହୋଇପଡିଛି।

ଆସନ୍ତା ୧୫ ତାରିଖରେ ମକର ସଂକ୍ରାନ୍ତରେ ଗଙ୍ଗାସାଗର ସଙ୍ଗମସ୍ଥଳ ଗଙ୍ଗାସାଗରରେ ପୁଣ୍ୟସ୍ନାନ ପାଇ ବହୁ ପୁଣ୍ୟାର୍ଥୀ ଭିଡ଼ ଜମାଇଛନ୍ତି। ମେଳାରେ ତୀର୍ଥଯାତ୍ରୀ ଆକସ୍ମିକ ଦୁର୍ଘଟଣା ପାଇଁ ୧୫ଲକ୍ଷ ଟଙ୍କା ବୀମା ରାଶି ଦିଆଯିବାର ରାଜ୍ୟସରକାର ଘୋଷଣା କରିଛନ୍ତି। ମେଳାକୁ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକମୁକ୍ତ, ସ୍ୱଚ୍ଛ ଓ ସବୁଜ ରଖିବା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ। ପ୍ରସିଦ୍ଧ ମେଳାରେ ୧ଶହ ୨୦କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାରୀ ଭାବେ ଆକଳନ କରାଯାଇଛି।

# 'ଲକ୍ଷ୍ୟ ସ୍ଥିର କରି ଅଧ୍ୟୟନ ଦିଗରେ ବ୍ରତୀ ହୁଅ'

**ରୂପ୍‌ସା, ୧୦।୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଯୁକ୍ତ ୨ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି 'ସୁବର୍ଣ୍ଣଶ୍ରୀ'ର ପ୍ରକାଶକ କବି କାଳିପଦ ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନନୀୟ ଅତିଥି ଭାବେ ପ୍ରାଧ୍ୟାପକ ଡ. ସଞ୍ଜୀବ କୁମାର ନାୟକ, ପ୍ରାଧ୍ୟାପକ ସୁଧୀର କୁମାର ଦତ୍ତ ଓ ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ ମଞ୍ଚାସୀନ ହୋଇ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟ ସ୍ଥିର କରି ଅଧ୍ୟୟନ ଦିଗରେ ବ୍ରତୀ ହେବାକୁ ଦିଗ୍‌ଦର୍ଶନ ଦେଇଥିଲେ। ଡ. ତପନ କୁମାର ବେହେରା ଅତିଥି ପରିଚୟ ଓ ଅଧ୍ୟାପିକା ପିନାକ୍ଷୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶେଷରେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀ।


**OFFICE OF THE CSO-CUM-DISTRICT MANAGER, OSCSC LTD., BALASORE**

**TENDER CALL NOTICE**

The District Office of OSCSC Ltd., Balasore issued a Tender Call Notice vide Letter No. 97 dt. 10.01.2020 inviting a sealed tenders from Travel Agencies / Individuals / Tour Operators for hiring 02 (Two) Nos. of vehicle in the model "Bolero" for Paddy Procurement Use in the O/o CSO-cum-District Manager, Balasore.

The detailed notice inviting sealed tender is available in the website of Balasore District i.e. www.baleswar.nic.in. The intending Travel Agency / individuals / Tour Operators are requested to download the detailed notice from above website.

**LAST DATE OF RECEIVING OF APPLICATION THROUGH REGD. / SPEED POST / COURIER 27.01.2020 BY 5.30 PM.**

Sd./-
CSO-cum-District Manager
OSCSC Ltd., Balasore

## ସଂକ୍ଷେପରେ



### ୧୧ କେଭି ତାର ସଂସ୍ପର୍ଶରେ ଆସି ଜଳିଗଲା ଟ୍ରକ୍ ଟାୟାର

ଚମ୍ପୁଆ,୧୦।୧(ଡି.ଏନ.ଏ) - କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ନାରଦପୁରଠାରେ ଶୁକ୍ରବାର ଏକ ଟ୍ରକ୍ ୧୧ କେଭି ତାର ସଂସ୍ପର୍ଶରେ ଆସିବାରୁ ବିଦ୍ୟୁତ୍ ପ୍ରବାହ କାରଣରୁ ଏହାର ଟାୟାରରେ ନିଆଁ ଲାଗି ଜଳିଯାଇଛି। ଡ୍ରାଇଭର ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଟ୍ରକ୍‌ରୁ ମାଲ ଅନ୍‌ଲୋଡ କରାଯିବା ବେଳେ ଏହା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଗାଡିର ଟାୟରରେ ଲାଗିଥିବା ନିଆଁକୁ ପାଣି ଢାଳି ଆୟତ୍ତ କରାଯାଇଥିଲା। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ମଧ ଘଟଣା ସ୍ଥଳରେ ପହଞ୍ଚିଥିଲେ।

### ନାବାଳିକା ଛାତ୍ରୀଙ୍କୁ ଅପହରଣ ଉଦ୍ୟମ
### ଅଭିଯୁକ୍ତକୁ ଧରି ପୋଲିସ ଜିମା ଦେଲେ ଲୋକେ

ଯୋଡ଼ା, ୧୦।୧(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ପୌରପାଳିକା କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ବିଳମ୍ବିତ ସମୟରେ ଜଣେ ୯ ବର୍ଷର ବାଳିକା ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କୁ ଟଣାଓଟରା କରି ଅପହରଣ ଉଦ୍ୟମ କରିଥିଲେ। ନାବାଳିକା ଜଣକ ନିଜ ଚେଷ୍ଟାରେ ତାଙ୍କ ହାବୁଡରୁ ଖସି ଯାଇଥିଲେ। ସ୍ଥାନୀୟ ଲୋକେ ପରେ ନାବାଳିକାଙ୍କୁ ତାଙ୍କ ଘରେ ଛାଡିବାକୁ ଯିବା ସମୟରେ ଉକ୍ତ ଦୁର୍ବୃତ୍ତ ଜଣକ ଛକି ରହିଥିବା ଦେଖି ଲୋକେ ତାକୁ କାବୁ କରି ପୋଲିସରେ ଜିମା ଦେଇଥିଲେ। ପୋଲିସ ଅଭିଯୁକ୍ତକୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା କହିଛି।

### କାମରେ ଲାଗୁନି ଥାନା ମୋବାଇଲ ନମ୍ବର

ହାଟଡିହୀ,୧୦।୧(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଓ ସୋସୋ ଥାନାର ମୋବାଇଲ ନମ୍ବର କାମରେ ଲାଗୁନି। ସରକାର ପୋଲିସ ଓ ସାଧାରଣ ଜନତାଙ୍କ ମଧରେ ସୁସମ୍ପର୍କ ସୃଷ୍ଟି କରିବାକୁ ବିଭିନ୍ନ ଯୋଜନା କରୁଥିବାରୁ ପୋଲିସ ଲୋକଙ୍କର ନିକଟତର ହେବା ପାଇଁ ପ୍ରୟାସ କରୁଥିବା କହୁଛି। କିନ୍ତୁ ଯୋଗାଯୋଗ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ଏ କ୍ଷେତ୍ରରେ ବ୍ୟତିକ୍ରମ ଘଟୁଛି। ଥାନାକୁ ଯିବା ପାଇଁ ଲୋକଙ୍କ ଭରଷା ତୁଟିଯାଉଛି। ଉଲ୍ଲେଖନୀୟ ଯେ, ନନ୍ଦିପଦା ଓ ସୋସୋ ଥାନାର ସାଇନ ବୋର୍ଡ଼ରେ ଲେଖାଥିବା ମୋବାଇଲ ନମ୍ବର କାହିଁକି କାମରେ ଲାଗୁନି , ପଚାରିଲେ କାହାଠାରୁ କିଛି ଉତ୍ତର ମିଳୁନି। ଏହି ନମ୍ବରକୁ ରିଂ କଲେ ମୋବାଇଲ ସୁଇଚଅଫ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି। ଜିଲା ଏସପି ଏଥିପ୍ରତି ଦୃଷ୍ଟି ଦେବା ସକାଶେ ଅଞ୍ଚଳବାସୀ ଦାବି କରିଛନ୍ତି।

### ତେଲକୋଇ ବଜାର ଅଞ୍ଚଳରୁ ଜବର ଦଖଲ ଉଚ୍ଛେଦ

ତେଲକୋଇ,୧୦।୧(ଡି.ଏନ.ଏ.)- କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳ ମାଷ୍ଟର ପ୍ଲାନ ଅନୁଯାୟୀ ସ୍ଥାନୀୟ ବଜାର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଏଥିଲାଗି ଶୁକ୍ରବାର ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ବାଂଶପାଳ ତହସିଲଦାର ତଥା ମାଜିଷ୍ଟ୍ରେଟ ତ୍ରିନାଥ ଦାଶ, ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ଅଶ୍ୱିନୀ କୁମାର ନାୟକଙ୍କ ଉପସ୍ଥିତିରେ ୩ଟି ଜେସିବି ଦ୍ୱାରା ଜବର ଦଖଲ ଘର ଭାଙ୍ଗିବା ଆରମ୍ଭ ହୋଇଥିଲା। ଏଠାକାର ମେଡିକାଲ ଛକ,ହାଇସ୍କୁଲ ଛକ,ତଳସାହି ଥାନା ଛକ ଏବଂ ବଙ୍ଗଳା ଛକ ପର୍ଯ୍ୟନ୍ତ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯିବ ବୋଲି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି। ବଜାର ମୁଖ୍ୟାଳୟଠାରେ ଥିବା ମଣ୍ଡପ ଆଶ୍ରୟସ୍ଥଳ ପଥଚାରୀ, ଯାତ୍ରୀ ଓ ଅନ୍ୟମାନଙ୍କ ପାଇଁ ସହାୟକ ହେଉଥିବା ବେଳେ ଏହାକୁ ଭଙ୍ଗାଯିବା ଘଟଣା ନେଇ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।



# ୯୦୮ ପ୍ରାର୍ଥୀଙ୍କୁ ମିଳିଲା ସିଧାସଳଖ ନିଯୁକ୍ତି

## ତାଲିମ୍ ନିମନ୍ତେ ୫୦୭ ପ୍ରାର୍ଥୀ ଯୋଗ୍ୟ ବିବେଚିତ

କେନ୍ଦୁଝରରେ ନିଯୁକ୍ତିମେଳା

କେନ୍ଦୁଝର, ୧୦।୧ (ସ୍ୱ.ପ୍ର.)

ଓଡିଶା ଦକ୍ଷତା ବିକାଶ କର୍ତୃପକ୍ଷ ଓ କେନ୍ଦୁଝର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ ପଡିଆରେ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ୩୩ଟି ଘରୋଇ ସଂସ୍ଥା / ପ୍ରୋଜେକ୍ଟ ଇମ୍ପ୍ଲିମେଟିଙ୍ଗ୍ ଏଜେନ୍ସି(ପି.ଆଇ.ଏ.) ତଥା କମ୍ପାନୀ ଅଂଶଗ୍ରହଣ କରିଥିଲେ। ସମୁଦାୟ ୨୨୩୩ ଜଣ ପ୍ରାର୍ଥୀ ନିଯୁକ୍ତି ମେଳାରେ ନାମ ପଞ୍ଜୀକରଣ କରି ଯୋଗ ଦେଇଥିଲେ। ତନ୍ମଧ୍ୟରୁ ୯୦୮ ପ୍ରାର୍ଥୀଙ୍କୁ ବିଭିନ୍ନ କମ୍ପାନୀ ଘରୋଇ ସଂସ୍ଥାରେ ସିଧାସଳଖ ନିଯୁକ୍ତି ଦେବା ପାଇଁ ଯୋଗ୍ୟ ବିବେଚନା କରିଥିଲେ। ଏହାବାଦ ୫୦୭ ପ୍ରାର୍ଥୀ ୧୩ଟି ପି.ଆଇ.ଏ./ ଘରୋଇ ସଂସ୍ଥାରେ ନିଯୁକ୍ତି ଭିତିକ ଦକ୍ଷତା ବୃଦ୍ଧି ତାଲିମ୍ ଗ୍ରହଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡିଛି। ପାଟଣା ବିଧାୟକ ଜଗନ୍ନାଥ ନାଏକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଆଶିଷ ଠାକରେ ନିଯୁକ୍ତି ମେଳାରେ ଉଦ୍‌ବୋଧନ ଦେଇ ଏଭଳି ନିଯୁକ୍ତି ମେଳା ବେକାର ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି, ଆତ୍ମନିଯୁକ୍ତି ଓ ମନୋବଳ ବଢାଇବାରେ ସହାୟକ ହେବ ବୋଲି କହିଥିଲେ। କେନ୍ଦୁଝର ଜିଲାରେ ଭିତ୍ତିଭୂମି ଓ ସୁବିଧାସୁଯୋଗ ଥିବାରୁ ନିଯୁକ୍ତି ମେଳାର ସଫଳତା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲାପାଳ ଡଃ ଭକ୍ତ ଚରଣ ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଭାରପ୍ରାପ୍ତ ଜିଲା ନିଯୋଜନ ଅଧିକାରୀ ବିଜୟ କୁମାର ପାତ୍ର ନିଯୁକ୍ତି ମେଳା ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ପ୍ରଶାସନର କର୍ମକର୍ତ୍ତା ଓ ଜିଲା ନିଯୋଜନ କାର୍ଯ୍ୟାଳୟର ସମସ୍ତ କାର୍ମଚାରୀ ମେଳାର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।



ନିଯୁକ୍ତି ମେଳାରେ ଯୁବତୀ ଯୁବକଙ୍କ ଭିଡ଼।

# ଅପହରଣକାରୀଙ୍କୁ ୫ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ

କେନ୍ଦୁଝର, ୧୦।୧ (ସ୍ୱ.ପ୍ର.)

ଜଣେ ଯୁବତୀଙ୍କୁ ଅପହରଣ କରାଯିବା ମାମଲାର ବିଚାର କରି ସ୍ଥାନୀୟ ସିଜେଏମ କୋର୍ଟ ଶୁକ୍ରବାର ନନ୍ଦନ କୁମାର ସାହୁ ଓରଫ ଅଯୋଧ୍ୟା( ୩୨)ନାମକ ଜଣେ ଯୁବକଙ୍କୁ ୫ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ହେଲେ ଅଧିକ ୩ ମାସ ଜେଲ ଭୋଗିବାକୁ ପଡ଼ିବ।

ନନ୍ଦନଙ୍କ ଘର ତୁରୁମୁଙ୍ଗା ଥାନା କଇଣ୍ଡା ଗ୍ରାମରେ। ଘଟଣା ବେଳେ ସେ ଟାଉନ ଥାନା ମାଧପୁରରେ ରହୁଥିଲେ। ଉକ୍ତ ଅପହରଣ ଘଟଣା ଟାଉନ ଥାନା ଅଞ୍ଚଳରେ ଘଟିଥିଲା। ମକଦ୍ଦମା ବିବରଣୀ ଅନୁଯାୟୀ ୨୦୧୨ ଜାନୁୟାରୀ ୧୮ ତାରିଖରେ ଜଣେ ଯୁବତୀଙ୍କୁ ଅପହରଣ କରି ନିଆଯିବା ଘଟଣା ନେଇ ତାଙ୍କ କକା ୨୦ ତାରିଖରେ ଟାଉନ ଥାନାରେ ଏତଲା ଦେଇଥିଲେ। ପରେ ଟାଉନ ଥାନା ପୋଲିସ ଯୁବତୀଙ୍କୁ ଉଦ୍ଧାର କରିବା ସହ ନନ୍ଦନଙ୍କ ବିରୋଧରେ ଅପହରଣ ମାମଲା (ନଂ. ୨୦/୨୦୧୨) ରୁଜୁ କରି ତାଙ୍କୁ ଗିରଫ କରିଥିଲା। କେନ୍ଦୁଝର ସିଜେଏମ ତିରଞ୍ଜିନ ପାତ୍ର ୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ମାମଲାର ଶୁଣାଣି କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିବା ସରକାରୀ ଓକିଲ ଅଶୋକ କୁମାର ଦାସ କହିଛନ୍ତି।

## ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ଘଟଣାର ପର୍ଦ୍ଦାଫାଶ
# ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ, କାର ଜବତ

ଯୋଡ଼ା, ୧୦।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରରେ ଥିବା ଏକ ବ୍ୟାଙ୍କର ଜଣେ ଗ୍ରାହକଙ୍କ ଆକାଉଣ୍ଟରୁ ଫୋନ ପେ ଆପ୍ ମାଧ୍ୟମରେ ଟଙ୍କା ଗାଏବ ଘଟଣାର ପୋଲିସ ପର୍ଦ୍ଦାଫାଶ କରଛି। ଏହି ଠକେଇ ଘଟଣାରେ ଅଭିଯୁକ୍ତ ବାବୁଲ ମହାନ୍ତକୁ ଶୁକ୍ରବାର ଭୁବନେଶ୍ୱରରୁ ପୋଲିସ ଗିରଫ କରି ଯୋଡାକୁ ଆଣିଛି। ସେ ବ୍ୟବହାର କରୁଥିବା ଏକ କାର ଓ ମୋବାଇଲ ଫୋନକୁ ଜବତ କରାଯାଇଛି।

ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ଏହି ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତ ବାବୁଲ ମହାନ୍ତଙ୍କ ଘର ଝାଡଖଣ୍ଡ ରାଜ୍ୟ ସିଲି ଥାନା ଅନ୍ତର୍ଗତ ରଙ୍ଗାମାଟି ଗାଁରେ। ତାଙ୍କ ମା' ଙ୍କ ଦେହାନ୍ତ ହେବା ପରେ ସେ ରାଉରକେଲାସ୍ଥିତ ଏକ ଅନାଥାଶ୍ରମରେ ରହୁଥିଲେ। ଅନାଥାଶ୍ରମର ଜଣେ ମହିଳା କର୍ମଚାରୀଙ୍କ ମନରେ ସେ ବିଶ୍ୱାସ ଜନ୍ମାଇ ତାଙ୍କ ସହ ପାରିବାରିକ ସମ୍ପର୍କ ସ୍ଥାପନ କରିଥିଲେ। ଏପରି କି ସେ ଝୁମ୍ପୁରା ଥାନା ଅନ୍ତର୍ଗତ ଗୁମୁରା ଅଞ୍ଚଳର ତାଙ୍କ ଘରକୁ ଯିବାଆସିବା କରୁଥଲେ। ୨୦୧୫ରେ ବାବୁଲ ଅନାଥାଶ୍ରମରୁ ଲୁଚି ପଳାଇ ଯାଇଥିଲେ। କିନ୍ତୁ ସେ ଏହି ମହିଳା କର୍ମଚାରୀଙ୍କ ଘରକୁ ମଝିରେ ମଝିରେ ଯିବାଆସିବା କରୁଥିଲେ। ପାରିବାରିକ ସମ୍ପର୍କ ଥିବାରୁ ବାବୁଲ ତାଙ୍କ ପରିବାରର ଏଟିଏମ୍ କାର୍ଡ ନେଇ ଟଙ୍କା ଉଠାଣ କରିବା ସହ ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ମହିଳା କର୍ମଚାରୀଙ୍କ ବାପାଙ୍କ ଆକାଉଣ୍ଟରେ ଲକ୍ଷାଧିକ ଟଙ୍କା ଥିବା ଜାଣି ସେ ତାଙ୍କ ଫୋନ ନମ୍ବର ଓ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଚୋରି କରିନେଇଥିଲେ। ପରେ ସେ 'ଫୋନ ପେ' ଆପ୍ ମାଧ୍ୟମରେ ଯୋଡାସ୍ଥିତ ଏସବିଆଇ ବ୍ୟାଙ୍କ ଆକାଉଣ୍ଟରେ ଥିବା ତାଙ୍କର ୨ଲକ୍ଷ ୪୦ ହଜାର ଟଙ୍କା ଗାଏବ କରି ନେଇଥିଲେ। ଆକାଉଣ୍ଟରୁ ଟଙ୍କା ଗାଏବ ଘଟଣା ଜଣାପଡିବା ପରେ ସମ୍ପୃକ୍ତ ପରିବାର ଯୋଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ. ୨୨୪/୨୦।୧୨।୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଠକେଇ ଘଟଣାର ରହସ୍ୟ ଜାଣିବା ପରେ ଅଭିଯୁକ୍ତ ବାବୁଲଙ୍କୁ ପୋଲିସ ଭୁବନେଶ୍ୱରରୁ ଗିରଫ କରି ଅଧିକ ପଚରାଉଚୁରା କରୁଥିବା ଆଇଆଇସି ମୁର୍ମୁ କହିଛନ୍ତି।




ଅଭିଯୁକ୍ତ ବାବୁଲ ମହାନ୍ତ ଓ ଜବତ ହୋଇଥିବା କାର।

## ମହୁଲି ମଦଭାଟିରେ ଚଢ଼ାଉ,୨ ଗିରଫ
### ଖସିଗଲେ ଅନ୍ୟ ଅଭିଯୁକ୍ତ

ଝୁମ୍ପୁରା, ୧୦।୧ (ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଫକୀରପୁର ଏବଂ ଦୁର୍ଗାପୁର ଗ୍ରାମରେ ଦେଶୀ ମହୁଲି ମଦ ପ୍ରସ୍ତୁତ ହେଉଥିବା ଭାଟିରେ ଚଢାଉ କରାଯାଇ ୧୦ଲିଟର ମହୁଲି ମଦ ଜବତ କରାଯିବା ସହିତ ୨ଜଣ ଚୋରା ବେପାରୀଙ୍କୁ ଗିରଫ କରାଯାଇଛି। ଅବକାରୀ କର୍ମଚାରୀମାନେ ଆସୁଥିବା କୌଣସି ସୂତ୍ରରୁ ଆଗୁଆ ସୂଚନା ପାଇ ଅନ୍ୟମାନେ ଖସି ପଳାଇ ଯାଇଥିଲେ। ମଦ ରନ୍ଧାଯାଉଥିବା ଜାଗାରେ ୧୦୦ କେଜିରୁ ଊର୍ଦ୍ଧ୍ୱ ମହୁଲ ପୋଚ ନଷ୍ଟ କରାଯାଇଛି। ଏହି ଅଞ୍ଚଳରେ ଦେଶୀ ମହୁଲି ମଦ ପ୍ରସ୍ତୁତ ହେଉ ଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଅବକାରୀ ବିଭାଗ ପକ୍ଷରୁ ଏଥିଲାଗି ଯୋଜନା କରାଯାଇ ଚଢାଉ କରାଯାଇଥିଲା। ଖସି ଯାଇଥିବା ମଦ ପ୍ରସ୍ତୁତକାରୀଙ୍କୁ ଧରିବାଲାଗି ଉଦ୍ୟମ ଚାଲିଛି ବୋଲି ଅବକାରୀ ଅଧିକାରୀ ଦିଲେଶ୍ୱର ନାଏକ କହିଛନ୍ତି। ଗିରଫ ହୋଇଥିବା ଦୁର୍ଗାପୁର ଗ୍ରାମର ମାଜୁରା ମୁଣ୍ଡା ଏବଂ ଫକୀରପୁର ଗ୍ରାମର ଗୁରୁବା ମାଝି ମଦ ପ୍ରସ୍ତୁତିରେ ସମ୍ପୃକ୍ତ ଥିଲେ। ଏ ନେଇ ଏକ ମାମଲା (ନଂ.୯/୧) ରୁଜୁ କରାଯାଇ ସନ୍ଧ୍ୟା ସମୟରେ ସେମାନଙ୍କୁ କାର୍ଟଚାଲାଣ କରାଯାଇଛି।

## ତେଲକୋଇ ଅଞ୍ଚଳରେ ହାତୀ ଉପଦ୍ରବ



ହାତୀପଲ ଭାଙ୍ଗିଥିବା ଘର।

ତେଲକୋଇ, ୧୦।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଧୀନ ଖୁଣ୍ଟାପଡା ପଞ୍ଚାୟତ ଓ ଏହାର ଆଖପାଖରେ ଏକ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଗତ ଗୁରୁବାର ମଧ୍ୟରାତ୍ରରେ ୮ରୁ ଊର୍ଦ୍ଧ୍ୱ ହାତୀ ଦୁର୍ଲ୍ଲଭପୁର ଗ୍ରାମରେ ପଶି ରବି ବେହେରା, ରତ୍ନାକର ବିଶ୍ୱାଳଙ୍କ ଘର ଭାଙ୍ଗି ଦେବା ସହିତ ଧାନଚାଉଳ ଖାଇଯାଇଛନ୍ତି। ସେହପରି ନୃସିଂହ ଦେହୁରୀ, ହିରଣ୍ୟ ସାହୁ, ଲକ୍ଷ୍ମଣ ପରିଡା,ସୁର ପରିଡାଙ୍କ ପନିପରିବା କ୍ଷେତକୁ ସେମାନେ ସମ୍ପୂର୍ଣ୍ଣ ନଷ୍ଟ କରିଥିବା ବନାଞ୍ଚଳ ବିଭାଗ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗତ କିଛିଦିନ ହେବ ଏହି ହାତୀପଲ ଦେଉଳଡିହା ଆକୁଳ, ଭୀମକାଣ୍ଡ, ଖୁଣ୍ଟାପଡା, କରଦାଙ୍ଗୀ ପଞ୍ଚାୟତ ଅଞ୍ଚଳ ସଂଲଗ୍ନ ଜଙ୍ଗଲରେ ରହି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କୁ ପଚାରିବାରୁ କହିଛନ୍ତି, ବିଭାଗ ପକ୍ଷରୁ ହାତୀ ଘଉଡାଇବା ଉଦ୍ୟମ ଜାରି ରହିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଜଙ୍ଗଲ ମଧକୁ ତଡି ଦିଆଯିବ।

# ମଇଳା ଆବର୍ଜନା ପରିଚାଳନା ପ୍ରକଳ୍ପ ସ୍ଥାନ ନିରୂପଣକୁ ବିରୋଧ

## ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦୁଝର, ୧୦।୧ (ସ୍ୱ.ପ୍ର.)

କେନ୍ଦୁଝର ପୌରପାଳିକା ପକ୍ଷରୁ ମଇଳା ଆବର୍ଜନା ପରିଚାଳନା ପ୍ରକଳ୍ପକୁ ପୁରୁଣା ସହରର ବସଷ୍ଟାଣ୍ଡ ନିକଟରେ ପ୍ରତିଷ୍ଠା କରିବା ନିଷ୍ପତ୍ତିକୁ ନେଇ ବିବାଦ ଦେଖାଦେଇଛି। ଏ ନେଇ ଶୁକ୍ରବାର ସ୍ଥାନୀୟ ଲୋକେ ନିର୍ବାହୀ ଅଧିକାରୀ ନିରଞ୍ଜନ ଜେନାଙ୍କୁ ଲିଖିତ ଦାବିପତ୍ର ଦେଇ ସେଠାରେ ପ୍ରକଳ୍ପ ନ କରିବାକୁ କହିଛନ୍ତି। ସେଠାରେ ପ୍ରକଳ୍ପ ହେଲେ ବସ ଷ୍ଟାଣ୍ଡ ଓ ଏହା ଆଖପାଖ ସାହିବସ୍ତିର ପରିବେଶ ପ୍ରଦୂଷିତ ହେବ ବୋଲି ସେମାନେ ଦର୍ଶାଇଛନ୍ତି।

ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାସ କହିଛନ୍ତି ଯେ, ବିନା ପଲ୍ଲିସଭାରେ ବସଷ୍ଟାଣ୍ଡ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନ ନିକଟରେ ମଇଳା ଆବର୍ଜନା ପରିଚାଳନା ପ୍ରକଳ୍ପ ନିର୍ମାଣ କରାଯିବା ଠିକ ନୁହେଁ। ବସ ଷ୍ଟାଣ୍ଡର ଉନ୍ନତୀକରଣ ପରିବର୍ତ୍ତେ ଏହାକୁ ଆବର୍ଜନା ସ୍ଥଳୀରେ ପରିଣତ କରିବାକୁ ଉଦ୍ୟମ କରାଯାଉଛି। ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ ଏହା ଦ୍ୱାରା କ୍ଷତିଗ୍ରସ୍ତ ହେବ ବୋଲି ଅଭିଯୋଗକାରୀମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ସ୍ଥାନରେ ଆଗରୁ ଟ୍ୟାକ୍ସି ଷ୍ଟାଣ୍ଡ ପ୍ରତିଷ୍ଠା ପାଇଁ ଯୋଜନା ରହିଥିଲା। ଏହି ଅଞ୍ଚଳରେ ମତ୍ସ୍ୟ ବିଭାଗ, ରେଶମ ବିଭାଗ କାର୍ଯ୍ୟାଳୟ ଥିବା ବେଳେ ପ୍ରାଣୀଧନ ଚିକିତ୍ସାଳୟ ସମେତ ପୁରାତନ ସିଦ୍ଧ ବଳଦେବଜୀଉ ମନ୍ଦିର ଓ ବହୁ ସଂଖ୍ୟାରେ ବସ୍ତି ରହିଛି। ଏଭଳି ପ୍ରକଳ୍ପ ହେଲେ ସୌନ୍ଦର୍ଯ୍ୟହାନିର କାରଣ ହେବ ବୋଲି ସେମାନେ କହିଛନ୍ତି।



ସ୍ଥାନୀୟ ଲୋକେ ଅଭିଯୋଗ ପତ୍ର ଦେଇ ଆଲୋଚନା କରୁଛନ୍ତି।

## ଖଣିରେ ଦୁର୍ଘଟଣା: କ୍ରଶରରେ ଶ୍ରମିକଙ୍କ ୩ଟି ଅଙ୍ଗୁଳି କଟିଲା

ବଡ଼ବିଲ, ତା୧୦।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଲାଣି ସ୍ଥିତ ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଖଣିରେ ଶୁକ୍ରବାର ସକାଳେ ଦୁର୍ଘଟଣା ଘଟିଛି। କ୍ରଶର ପ୍ଲାଣ୍ଟରେ କାମ କରୁଥିଲା ବେଳେ ବ୍ରଜ ମୁଣ୍ଡା ନାମକ ଜଣେ ଠିକା ଶ୍ରମିକଙ୍କ ହାତ ସେଥିରେ ଚାପି ହୋଇଯିବାରୁ ତାଙ୍କର ୩ଟି ଅଙ୍ଗୁଳି କଟିଯାଇଥିବା ଜଣାପଡିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ କମ୍ପାନୀ ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ଜଣାପଡିନାହିଁ।

## କାମରେ ଲାଗୁନି ୧୮ ଲକ୍ଷ ୩୯ ହଜାର ଟଙ୍କାରେ ନିର୍ମିତ ଚେକଡ୍ୟାମ



ଶୁଖିଲା ପଡ଼ିଥିବା ଚେକ୍ ଡ୍ୟାମ୍।

ହାଟଡିହୀ,୧୦।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ପଡ଼ିଆରୀପଲ୍ଲୀ ଅନ୍ଧାରୀ ନାଳ ଉପରେ ୧୮ ଲକ୍ଷ ୩୯ ହଜାର ଟଙ୍କା ବ୍ୟୟରେ ନିର୍ମିତ ଚେକ୍‌ଡ୍ୟାମ ଶୁଖିଲା ପଡିଥିବାରୁ କୌଣସି କାମରେ ଆସୁ ନାହିଁ। ଚେକ୍‌ଡ୍ୟାମରେ ପାଣି ଗଚ୍ଛିତ ହୋଇ ରହିଲେ, ଗୋରୁଗାଇ ପାଣି ପିଇବା ସହିତ ନାଳ ପାଖରେ ଥିବା ଜମିରେ ଧାନ ଓ ପନିପରିବା ଚାଷ ହୋଇ ପାରିବ ବୋଲି ସ୍ଥାନୀୟ ଗ୍ରାମବାସୀ ଆଶା ରଖିଥିଲେ। କିନ୍ତୁ ବୈଷୟିକ ତ୍ରୁଟି ଯୋଗୁ ବର୍ତ୍ତମାନ ସେଠାରେ ପାଣି ରହୁନାହିଁ। ଲୋକେ ପୂର୍ବରୁ ନାଳ ଉପରେ ମାଟି ବନ୍ଧ କରି ଯାତାୟତ ସୁବିଧା କରୁଥିବା ବେଳେ ସେଠାରେ ସବୁବେଳେ ୩ ଫୁଟରୁ ଊର୍ଦ୍ଧ୍ୱ ପାଣି ରହୁଥିଲା। ଲୋକେ ପାଣିପମ୍ପ ଲଗାଇ ପନିପରିବା ଚାଷ କରି ପାରୁଥିଲେ। କିନ୍ତୁ ଚେକ୍‌ଡ୍ୟାମ ହେବା ପରେ ସ୍ଥିତି ବଦଳି ଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।। ଉଚ୍ଚ କର୍ତ୍ତୃପକ୍ଷ ସ୍ଥିତି ଅନୁଧ୍ୟାନ କରି ଏହି ପ୍ରକଳ୍ପକୁ ନବଜୀବନ ଦେବା ସକାଶେ ଦାବି କରିଛନ୍ତି।

# ନିଆଁରେ ଚାଲିଲେ ମାନସିକଧାରୀ ଭକ୍ତ

ଯୋଡ଼ା ୧୦।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର ଭୂୟାଁ ବସ୍ତିର କୋଠି ଶାଳରେ ସବୁବର୍ଷ ପରି ଚଳିତବର୍ଷ ଠାକୁରାଣୀ ମା'ଙ୍କ ଓଷା ମହା ଆଡମ୍ବରରେ ପାଳିତ ହୋଇ ଯାଇଛି। ପୌଷ ମାସରେ ହେଉଥିବା ମା' ଠାକୁରାଣୀଙ୍କ ଏହି ଓଷାରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପଡୋଶୀ ଝାଡଖଣ୍ଡ ରାଜ୍ୟ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ପରିବେଶ ଥିଲା ଉତ୍ସବମୁଖର। ଆସ୍ଥା ଓ ବିଶ୍ୱାସର ପ୍ରତୀକ ମା' ଠାକୁରାଣୀଙ୍କ ଠାରେ ଶ୍ରଦ୍ଧାଳୁମାନେ ଭକ୍ତିର ସହ ମାନସିକ କରି ପୂଜାର୍ଚ୍ଚନା କରିବା ସହିତ ଭୋଗ ଲଗାଇଥିଲେ। ଓଷାରେ ପାରମ୍ପରିକ ରୀତି ଅନୁଯାୟୀ ମା'ଙ୍କୁ ନୂତନ ବସ୍ତ୍ର, ଅଳଙ୍କାର, ସିନ୍ଦୁର, ଅଳତା ମୟୂରପକ୍ଷୀ ପ୍ରଭୃତି ସାମଗ୍ରୀ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ପୂଜାର ସମାପନ ଦିବସର ଅପରାହ୍ନରେ ଶ୍ରଦ୍ଧାଳୁ ଓ ମାନସିକଧାରୀମାନେ କଣ୍ଟା ଦୋଳିରେ ଝୁଲିବା ସହିତ କଣ୍ଟା ପିଢାରେ ବସିଥିଲେ। ପରେ ନିଆଁ ଖଳାରେ ଜଳୁଥିବା ଅଙ୍ଗାର ଉପରେ ଶ୍ରଦ୍ଧାଳୁମାନେ ଖାଲିପାଦରେ ଚାଲିଥିଲେ। କୋଠି ଶାଳର ଦେହୁରି ସୋମବାରୀ ପାତ୍ର ଓ ସୁଷମା ପାତ୍ର ପ୍ରମୁଖ ପୂଜା ଦାୟିତ୍ୱ ତୁଲାଇଥିଲେ।

ଉଲ୍ଲେଖନୀୟ ଯେ, ସହରର ସର୍ବ ପୁରାତନ ଏହି କୋଠିଶାଳରେ ଠାକରାଣୀ ମା'ଙ୍କ ଓଷା ଲାଗି ପରମ୍ପରା ଅନୁଯାୟୀ ୨୦ଦିନ ପୂର୍ବରୁ ବସ୍ତିର ଶ୍ରଦ୍ଧାଳୁମାନେ ଅଁଶେଇକଳା ଗ୍ରାମ ଓ ଓଡିଶା-ଝାଡଖଣ୍ଡ ସୀମାନ୍ତ ତିତିରବିଲ ଗ୍ରାମରୁ ଦେବୀଙ୍କ ପ୍ରତିମା ଆଣି ପୂଜାର୍ଚ୍ଚନା କରିଥିଲେ। ସ୍ଥାନୀୟ ବାସିନ୍ଦା ଭୋଲାନାଥ ପାତ୍ର, ରମେଶ ପାତ୍ର, କିଶୋର ପାତ୍ର, ବବୁଲ ପାତ୍ର, ସୁରେନ୍ଦ୍ର ପାତ୍ର ଶାରଦା ପାତ୍ର, ବସ' ପାତ୍ର, କେଶବ ପାତ୍ର ପ୍ରମୁଖ କହିଛନ୍ତି, ଯୋଡା ପାତ୍ର ସାହିର ଗୋଟିଏ ସ୍ଥାନରେ ପାରା ରହଣିରୁ ଆରମ୍ଭ ହୋଇଥିଲା ଧାର୍ମିକ ଚିନ୍ତନ। ୧୯୫୭ ମସିହାରୁ ଏହି ଓଷା ଜଣେ ମହିଳାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ପୂଜାର୍ଚ୍ଚନା ବେଳେକାଳିସୀ ଲାଗିବା ଏହି ପୂଜାର ଏକ ଭିନ୍ନ ଆକର୍ଷଣ।



କୋଠିଶାଳରେ ମା'ଙ୍କ ପୂଜା ସମୟରେ ଭକ୍ତମାନେ ନିଆଁରେ ଚାଲୁଛନ୍ତି।

■ମା' ଠାକୁରାଣୀଙ୍କ ଓଷା ଲାଗି ଉତ୍ସବମୁଖର ପରିବେଶ
■ଏକଦା ପାରା ରହଣିରୁ ଆରମ୍ଭ ହୋଇଥିଲା ଓଷା


**OFFICE OF THE CSO-CUM-DISTRICT MANAGER, OSCSC LTD., BALASORE**

**TENDER CALL NOTICE**

The District Office of OSCSC Ltd., Balasore issued a Tender Call Notice vide Letter No. 97 dt. 10.01.2020 inviting a sealed tenders from Travel Agencies / Individuals / Tour Operators for hiring 02 (Two) Nos. of vehicle in the model "Bolero" for Paddy Procurement Use in the O/o CSO-cum-District Manager, Balasore.

The detailed notice inviting sealed tender is available in the website of Balasore District i.e. www.baleswar.nic.in. The intending Travel Agency / individuals / Tour Operators are requested to download the detailed notice from above website.

**LAST DATE OF RECEIVING OF APPLICATION THROUGH REGD. / SPEED POST / COURIER 27.01.2020 BY 5.30 PM.**

Sd./-
CSO-cum-District Manager
OSCSC Ltd., Balasore

